# ପ୍ରେସ୍ ବିଜ୍ଞପ୍ତି

1. ସମ୍ମାନାସ୍ପଦ ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟ (ଏଥିଅନ୍ତେ "ନ୍ୟାୟାଳୟ" ବୋଲି କୁହାଯାଉଛି) ସୁବ୍ରତ ଭଟ୍ଟାଚାର୍ଯ୍ୟ ବନାମ ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ୍ ଅଫ୍ ଇଣ୍ଡିଆ ବା ସେବି (*CA No. 13301/2015*), ବିଷୟବସ୍ତୁ ଏବଂ ଅନ୍ୟାନ୍ୟ ସମ୍ପର୍କିତ ବିଷୟବସ୍ତୁ ପରିପ୍ରେକ୍ଷୀରେ, ଫେବୃଆରୀ ୦୨, ୨୦୧୬ ତାରିଖରେ ଏକ ଆଦେଶ ଜାରି କରିଛନ୍ତି । ଏହି ଆଦେଶ ଅନୁଯାୟୀ, ପିଏସିଏଲ୍ ଲିମିଟେଡ୍ (ଏଥିଅନ୍ତେ "PACL"/"କମ୍ପାନୀ" ରୂପେ କୁହାଯାଉଛି) ଦ୍ୱାରା କିଣାଯାଇଥିବା ଜମିର ବିକ୍ରୀକରଣ ପାଇଁ, ଅନ୍ୟ ବିଷୟଗୁଡିକ ମଧ୍ୟରେ, 'ସେବି'କୁ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ମୂଖ୍ୟ ବିଚାରପତି ସମ୍ମାନସ୍ପଦ ନ୍ୟାୟାଧିଶ ଆର୍.ଏମ୍. ଲୋଧାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଯେପରିକି ବିକ୍ରୀର ରାଶି ପରିମାଣକୁ ନିବେଶକାରୀମାନଙ୍କୁ ପଇଠ କରାଯାଇ ପାରିବ, ଯେଉଁମାନେ କମ୍ପାନୀରେ ସେମାନଙ୍କର ପାଣ୍ଠି ନିବେଶ କରିଛନ୍ତି ।

2. ସେହି ଅନୁଯାୟୀ ସେବି ପିଏସିଏଲ୍ ର ସମ୍ପତ୍ତିଗୁଡିକୁ ବିକ୍ରୀ କରିବାକୁ ଏବଂ ବିକ୍ରୀରୁ ମିଳିଥିବା ଅର୍ଥକୁ ବ୍ୟବହାର କରି ନିବେଶକାରୀମାନଙ୍କୁ, ଯେଉଁମାନେ ପିଏସିଏଲ୍ ରେ ସେମାନଙ୍କର ଟଙ୍କାକୁ ନିବେଶ କରିଥିଲେ (ଏଥିଅନ୍ତେ "କମିଟି" ବୋଲି କୁହାଯାଉଛି), ଫେରସ୍ତ କରିବାକୁ ନ୍ୟାୟାଧିଶ ଆର୍.ଏମ୍. ଲୋଧାଙ୍କ (ଅବସରପ୍ରାପ୍ତ) ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଅଛି ।

3. କମିଟି ଏହାର ଆଦେଶକୁ କାର୍ଯ୍ୟକାରୀ କରିବାକୁ ଯାଇ ପିଏସିଏଲ୍ ର ନିବେଶକାରୀମାନଙ୍କୁ ଏ ପର୍ଯ୍ୟନ୍ତ ଆଦାୟ କରାଯାଇଥିବା ଟଙ୍କାକୁ ଫେରସ୍ତ କରିବାକୁ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି । ପ୍ରଥମତଃ, ଏଭଳି ନିବେଶକାରୀମାନଙ୍କ ନିକଟରୁ କମିଟି ଦାବିଗୁଡିକୁ ପ୍ରାପ୍ତ କରିବାକୁ ନିଷ୍ପତ୍ତି କରିଛି, ଯେଉଁମାନଙ୍କର ପିଏସିଏଲ୍ ନିକଟରେ ସମୁଦାୟ ବାକିଆ ଟଙ୍କା ପରିମାଣ (ମୂଳ) ଟ: ୨,୫୦୦ ପର୍ଯ୍ୟନ୍ତ ରହିଛି । ଏହା ସ୍ପଷ୍ଟୀକୃତ କରାଯାଉଅଛି ଯେ, ଫେରସ୍ତ ପାଣ୍ଠି ଦାବିଦାର୍ ନିବେଶକାରୀ ପିଛା ୨,୫୦୦ ଟଙ୍କା ହିଁ ହେବ ବୋଲି କିଛି ଆବଶ୍ୟକ ନୁହେଁ, ଏବଂ ପ୍ରାପ୍ତ କରାଯାଇଥିବା ଦାବିର ସଂଖ୍ୟା ତଥା କମିଟି ନିକଟରେ ଉପଲବ୍ଧ ଥିବା ପାଣ୍ଠିକୁ ବିଚାରକୁ ନେଇ ଆନୁପାତିକ ଆଧାରରେ ଦିଆଯିବ ।

4. ଉପରୋକ୍ତ ପରିପ୍ରେକ୍ଷୀରେ, କେବଳ ସେହି ନିବେଶକାରୀମାନଙ୍କୁ **562632** ରେ ଏସ୍ଏମ୍ଏସ୍ ଜରିଆରେ କିମ୍ବା **http://sebicommitteepaclrefund.com/**ୱେବସାଇଟ୍‌ରେ ନିମ୍ନୋକ୍ତ ବିବରଣୀ ଅପଲୋଡ୍ କରି ପଠାଇବାକୁ ପରାମର୍ଶ ଦିଆଯାଉଅଛି, ଯେଉଁମାନଙ୍କର ପିଏସିଏଲ୍ ନିକଟରେ ସମୁଦାୟ ବାକିଆ ଟଙ୍କା (ମୂଳ) ପରିମାଣ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ଅଛି ।
   - ପିଏସିଏଲ୍ ସାର୍ଟିଫିକେଟ ଅନୁସାରେ ନିବେଶକାରୀଙ୍କ ନାମ,
   - ଦାବି କରାଯାଇଥିବା ଟଙ୍କା ପରିମାଣ (ଟଙ୍କାରେ),
   - ଦାବିକାରକଙ୍କ ମୋବାଇଲ ନମ୍ବର,
   - ପିଏସିଏଲ୍ ସ୍କିମ୍ ପେମେଣ୍ଟ ପଞ୍ଜୀକରଣ ନମ୍ବର,
   - ପିଏସିଏଲ୍ ସାର୍ଟିଫିକେଟର ସ୍କାନ୍ କରାଯାଇଥିବା ନକଲ,
   - ଆଧାର/ପ୍ୟାନ୍ ନମ୍ବର,
   - ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଆଇଏଫ୍ଏସ୍‌ସି କୋଡ୍,
   - ପିଏସିଏଲ୍ ଦ୍ୱାରା ଦାବିଦାର୍ ନିବେଶକଙ୍କୁ ଜମି ନ୍ୟସ୍ତ କରାଯାଇଛି କି ନାହିଁ,
   - ପ୍ୟାନ୍ କାର୍ଡ୍/ଆଧାର କାର୍ଡ୍‌ର ସ୍କାନ୍ କରାଯାଇଥିବା ନକଲ, ଏବଂ
   - ତିନିଟି ଗତ ଟ୍ରାଞ୍ଜାକ୍ସନ୍ ଦର୍ଶାଉଥିବା ସାମ୍ପ୍ରତିକତମ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ର ସ୍କାନ୍ କରାଯାଇଥିବା ନକଲ । (ଆବେଦକବୃନ୍ଦ ସୁନିଶ୍ଚିତ କରାଇବା ଉଚିତ୍ ଯେ, ଅପ୍‌ଲୋଡ୍ କରାଯାଇଥିବା ସାମ୍ପ୍ରତିକତମ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ, ନିଶ୍ଚିତରୂପେ ନାମ, ଠିକଣା, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଆଇଏଫ୍ଏସ୍‌ସି କୋଡ୍ ସ୍ପଷ୍ଟ ଭାବରେ ଦର୍ଶାଉଥିବ)

ଏହି ପରିପ୍ରେକ୍ଷୀରେ, **http://sebicommitteepaclrefund.com/** ୱେବସାଇଟ୍‌ରେ ଫେରସ୍ତ ପାଇଁ ଆବେଦନ କରିବାକୁ ଥିବା ପ୍ରକ୍ରିୟାଟିର ଏକ ଡେ଼ମୋ ଭିଡ଼ିଓ ଉଦାହରଣ ଦିଆଯାଇଛି ଏବଂ ଏଭଳି ଆବେଦନ ଦାଖଲ କରିବା ପୂର୍ବରୁ ଏହାକୁ ସମୀକ୍ଷା

କରାଯାଇପାରେ । ନିବେଶକମାନେ ଫେରସ୍ତ ପାଇଁ ସେମାନଙ୍କର ଆବେଦନର ସ୍ଥିତି ଜାଣିବାକୁ <**044-395-71985**> ରେ କଲ୍ ମଧ୍ୟ କରିପାରନ୍ତି ।

5. ନିବେଶକମାନଙ୍କୁ ଏତଦ୍ୱାରା ପରାମର୍ଶ ଦିଆଯାଉଛି ଯେ, ସେମାନେ କେବଲ ଉପରୋକ୍ତ ଅନୁଚ୍ଛେଦ ୪ ରେ ମଗାଯାଉଥିବା ସୂଚନା ହିଁ ପଠେଇବେ ଏବଂ ଏଠାରେ କେବଲ ବ୍ୟକ୍ତ କରାଯାଇଥିବା ଶୈଳୀ ଅନୁସାରେ, ଏବଂ ଅନ୍ୟ କୌଣସି ପ୍ରକାରେ ନୁହେଁ । ନିବେଶକମାନଙ୍କୁ ଆହୁରି ମଧ୍ୟ ସାବଧାନ କରିଦିଆଯାଉଛି ଯେ, କମିଟି ନିକଟରୁ ନିର୍ଦ୍ଦିଷ୍ଟ ସୂଚନା ନ ମିଳିବା ପର୍ଯ୍ୟନ୍ତ, ସେମାନେ ନିଜ ନିଜର ଅରିଜିନାଲ୍ ପିଏସିଏଲ୍ ସାର୍ଟିଫିକେଟ ଦେବେ ନାହିଁ ।

6. ଫେରସ୍ତ ପାଇଁ ଆବେଦନପତ୍ର ପ୍ରାପ୍ତ କରିବାର ଅନ୍ତିମ ତାରିଖ ହେଉଛି ଫେବୃଆରି ୨୮, ୨୦୧୮ ।

xxxxxx